# ହଇଓ ସମୁଦି

ଦ୍ୱିପହର ବେଳା ହୋଇଥାଏ । ହନୁବଇଦ ଖଟରେ ଶୋଇଥାଏ । ସମୁଦି ଗଧିଆଙ୍କ କଥା ତା'ର ମନେ ପଡ଼ିଲା । ସମୁଦିଘରକୁ ବହୁତ ଦିନ ହେଲା ଯାଇନାହିଁ । ଭାବିଲା, ସମୁଦି ଘର ଆଡ଼ୁ ବୁଲି ଆସିବ । ସମୁଦିଘରକୁ ଗଲା । ଦ୍ୱାରରେ ଠକ୍‌ଠକ୍ କଲା । ଗଧିଆ ଧୀର ସ୍ୱରରେ 'ହଁ' କହିଲା । ଠକ୍‌ଠକ୍ ଶୁଣି ଦ୍ୱାର ଖୋଲିଲା ।

469ETH



ହନୁବଇଦ ତା' ମୁହଁ ଦେଖି ପଚାରିଲା, "କ'ଣ ହୋଇଛି ସମୁଦି ? ତୁମର ମୁହଁ ଶୁଖିଲା ଦିଶୁଛି ।" ଗଧିଆ କହିଲା, "କିଛିଦିନ ହେଲା ଜ୍ୱର ହେଉଛି ।" ଜ୍ୱର ହେବାର କାରଣ ବିଷୟରେ ହନୁବଇଦ ପଚାରିଲା ।



ଗଧିଆ କହିଲା, "କ'ଣ କହିବି ସମୁଦି ! ବିଲେଇନାନୀର ମିଠା ଦୋକାନକୁ ଯାଇଥିଲି । ସେଠି ମିଠା, ସିଙ୍ଗଡ଼ା ଓ ଆଲୁଚପ୍ ଖାଇଲି । ସେଗୁଡ଼ାକ ବାସି ଜିନଷ । ଖରାପ ହୋଇଯାଇଥିଲା । ବିଲେଇନାନୀର ସରାଗ ଦେଖି ମନା କରିପାରିଲିନାହିଁ । ଖାଇଦେଲି ସିନା, ଘରକୁ ଫେରିଲାପରେ ପେଟ ଖରାପ ହୋଇ ଝାଡ଼ା ହେଲା । ତା'ପରଠୁ ତ ଜ୍ୱର । ସେଥିରେ ଆଗରୁ ଥିବା ଶ୍ୱାସରୋଗ ବାହାରି ପଡ଼ିଲା । ଭାରି ଧଇଁସଇଁ ଲାଗୁଛି ।"



Scanned with CamScanner

ହନୁବଇଦ ସବୁ ଶୁଣିଲା । ଔଷଧ ଦେଲା । ଆଶ୍ୱାସନା ଦେଇ କହିଲା, ଡରନା, ତୁମର କିଛି ହେବ ନାହିଁ । ହନୁର ଔଷଧରେ ଗଧିଆର ଭାରି ବିଶ୍ୱାସ । ହନୁବଇଦ କହିଲା, ସମୁଦି କଥାଟିକୁ ଗଣ୍ଠି ପକାଇ ମନେରଖ –

"ଖାଇବାଦରବ ପଚାସଢ଼ା ବାସି
ଭଣଭଣ କରି ମାଛି ଥିବେ ବସି
ଭୋକରେ ପଛକେ ଜୀବନ ହାରିବ
ସେପରି ଦରବ କେବେ ନ ଖାଇବ ।"

## ଅଭ୍ୟାସ

**୧। ଗପରୁ କୁହ ।**

(କ) ହନୁବଇଦ ଖଟରେ ଶୋଇ କାହା କଥା ମନେ ପକାଇଲା ?

(ଖ) ଗଧିଆକୁ କାହିଁକି ଜ୍ୱର ହେଲା ?

(ଗ) ହନୁବଇଦ ଗଧିଆକୁ କି ଉପଦେଶ ଦେଲା ?

**୨। ପାଠରୁ ଖୋଜି ବାହାର କର ଓ ତା'ଚାରିପଟେ ଗୋଲ୍ ବୁଲାଅ ।**

ଜ୍ୱ, ସ୍ୱ, ଦ୍ୱା, ଶ୍ୱା

**୩। ଶବ୍ଦ ଗଢ଼ ଓ ଠିକ୍ ଉଚ୍ଚାରଣ କରି ପଢ଼ ।**

ଯଥା – ବିଶ୍ୱ

ଅ ___

ଈ ___ ର

ବି ___ ସ

୪। 'ବିଶ୍ୱ' ଶବ୍ଦରେ ଯେପରି 'ଶ' ତଳେ ('୍ୱ'ଓ୍ୱ ଫଳା) ଲାଗିଛି ସେପରି '୍ୱ' ଫଳା ଲଗାଇ ଶବ୍ଦ ଲେଖ ।

ଅଶ୍ୱ ______ ଆମ୍ୱ ______ ବିମ୍ୱ ______

୫। ଠିକ୍ ଜାଗାରେ '୍ୱ' ଫଳା ଲଗାଇ ଗୀତଟିକୁ ପଢ଼ ଓ ଲେଖ ।

ଦାରଦାର ବୁଲି ହାଲିଆ ହେଲିଣି
ନିଃଶାସ ବହୁଛି ଖର
ମଧୁର ସୁରରେ କିପରି ଗାଇବି
ଦେହରେ ରହିଛି ଜର ।

୬। କ୍ରମରେ ସଜାଡ଼ି ଲେଖ ।

| | |
|---|---|
| ଶ୍ୱାସରୋଗ ଥିଲା । | 1. ସମୁଦି ଘରକୁ ଗଲା । |
| ପେଟ ଖରାପ ହେଲା । | 2. ଦ୍ୱାର ଠକ୍ଠକ୍ ହେଲା । |
| ଔଷଧ ଖାଇଲା । | 3. ପେଟ ଖରାପ ହେଲା । |
| ଦ୍ୱାର ଠକ୍ଠକ୍ ହେଲା । | 4. ଶ୍ୱାସରୋଗ ଥିଲା । |
| ସମୁଦିଘରକୁ ଗଲା । | 5. ଔଷଧ ଖାଇଲା । |

୭। ବିଲେଇନାନୀ ଦୋକାନରେ କି କି ଜିନିଷ ମିଳୁଥିଲା ?

______

______

୮। ତୁମ ଘର ପାଖରେ କେଉଁ ସବୁ ଦୋକାନ ଅଛି, ତା'ର ତାଲିକା କର ।

______ ______ ______

Scanned with CamScanner